

## ଆମ କାର୍ଯ୍ୟାଳୟ

**ରେଜିଷ୍ଟର୍ଡ ଅଫିସ୍:** ପ୍ଲଟ୍ ୨/ଏଚ୍, କଳ୍ପନା ଏରିଆ, ବିଜେବି ନଗର, ଖୋର୍ଧା, ଭୁବନେଶ୍ୱର, ପିନ୍- ୭୫୧୦୧୪, ଫୋନ୍:୦୬୭୪-୨୯୭୨୧୧୬

**ସାଇଟ୍ ଅଫିସ୍:** ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ (ଏଫ୍‌ସିଆଇଏଲ୍, ତାଳଚେର ୟୁନିଟ୍), ଟେକ୍ନିକାଲ୍ ବିଲ୍ଡିଂ (ଜେଭି ସାଇଟ୍ ଅଫିସ୍) ପୋଷ୍ଟ- ବିକ୍ରମପୁର
ଜିଲ୍ଲା- ଅନୁଗୁଳ (ଓଡ଼ିଶା ଷ୍ଟେଟ୍), ପିନ୍- ୭୫୯୧୦୬, ଫୋନ୍: ୦୬୭୬୦ ୨୬୨୧୮୧/୨୬୨୧୯୭

**ପ୍ରୋଜେକ୍ଟ ଅଫିସ:** ଦ୍ୱିତୀୟ ମହଲା (ନର୍ଥ ୱିଙ୍ଗ୍) ଇନ୍‌ଫୋ-ହବ, ଗେଲ୍ (ଇଣ୍ଡିଆ) ଲିମିଟେଡ୍, ବି ୩୫ ଏବଂ ୩୬, ସେକ୍ଟର-୧, ନଏଡା, ପିନ୍ -୨୦୧୩୦୧

ମତାମତ ଏବଂ ଯୋଗାଯୋଗ ପାଇଁ ଫୋନ୍: ୦୧୨୦-୪୦୯୭୧୫୦ (ଏକଷ୍ଟେନ୍‌ସନ୍-୨୨୧୮), ୦୧୨୦-୪୮୬୨୪୦୦, ଇମେଲ୍: js02415@gail.co.in

### ଏକ ଯୌଥ ଉଦ୍ୟୋଗ

- ଗେଲ୍ ଇଣ୍ଡିଆ ଲିମିଟେଡ୍ (ଗେଲ୍)
- ରାଷ୍ଟ୍ରୀୟ କେମିକାଲ୍ସ ଫର୍ଟିଲାଇଜର୍ସ ଲିମିଟେଡ୍ (ଆର୍‌ସିଏଫ୍)
- କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍)
- ଫର୍ଟିଲାଇଜର କର୍ପୋରେସନ ଇଣ୍ଡିଆ ଲିମିଟେଡ୍ (ଏଫ୍‌ସିଆଇଏଲ୍)

MAKE IN INDIA

# ଓଡ଼ିଶାରେ ତାଳଚେର ସାର କାରଖାନାର ପୁନରୁଦ୍ଧାର

ରାଷ୍ଟ୍ରକୁ ସାର କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ









## ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍

ଏକ ପରିବେଶ ଅନୁକୂଳ – ସ୍ୱଚ୍ଛ କୋଇଲା ବୈଷୟିକ ଜ୍ଞାନ କୌଶଳ କାରଖାନା



ପୂର୍ବ ଭାରତର ଉନ୍ନତି ସହିତ ଦେଶର ସମୃଦ୍ଧି ପାଇଁ ଲକ୍ଷ୍ୟ ରଖିଥିବା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଭାରତ ସରକାର ତାଳଚେର ସ୍ଥିତ କୋଇଲା ଭିତ୍ତିକ ସାର କାରଖାନାର ପୁନରୁଦ୍ଧାର ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ତାଳଚେର ସାର କାରଖାନାର ପୁନରୁତ୍ଥାନ ପାଇଁ ଗେଲ୍ (ଇଣ୍ଡିଆ) ଲିମିଟେଡ, କୋଲ ଇଣ୍ଡିଆ ଲିମିଟେଡ, ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର୍ସ ଲିମିଟେଡ୍ ଆଦି ସଂସ୍ଥାଗୁଡ଼ିକ ପ୍ରତ୍ୟେକ ୨୯.୬୭ ପ୍ରତିଶତ ଇକ୍ୱିଟି ଭାଗିଦାରୀରେ ଯୌଥ ଉଦ୍ୟୋଗ "ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ (ଟିଏଫ୍ଏଲ୍)" ନାମରେ ଗଠନ କରାଯାଇଛି । ଯେଉଁଥିରେ ଅବଶିଷ୍ଟ ୧୦.୯୯ ପ୍ରତିଶତ ଇକ୍ୱିଟି ଅଂଶଧନ ଫର୍ଟିଲାଇଜର କର୍ପୋରେଟ୍ ଅଫ ଇଣ୍ଡିଆ ଲିମିଟେଡ୍‌ର ରହିଛି । ଦୈନିକ ୩,୮୫୦ ଟନ୍ ୟୁରିଆ ଉତ୍ପାଦନ କ୍ଷମତା ଯୁକ୍ତ ଏହି କାରଖାନାଟି ଓଡ଼ିଶା ରାଜଧାନୀ ଭୁବନେଶ୍ୱରଠାରୁ ୧୫୨ କି.ମି. ଦୂରରେ ଅନୁଗୋଳ ଜିଲାରେ ଅବସ୍ଥିତ ।

ଭାରତର ଦ୍ରୁତ ଅଭିବୃଦ୍ଧି ସହ ବିଶ୍ୱର ଏକ ବୃହତ୍ତ ଅର୍ଥନୀତି ହୋଇଥିବାବେଳେ କୃଷି ହେଉଛି ଏ ଅର୍ଥନୀତିର ମେରୁଦଣ୍ଡ । ଦେଶର ଜନସଂଖ୍ୟାର ଅର୍ଦ୍ଧେକ କେବଳ ଏଇ କୃଷିକ୍ଷେତ୍ରରେ ହିଁ ନିୟୋଜିତ ହୋଇଛନ୍ତି । କୃଷି କ୍ଷେତ୍ରର ଉନ୍ନତି ଓ ସମୃଦ୍ଧି ପାଇଁ ୟୁରିଆ ପରି ଏକ ପ୍ରମୁଖ ରାସାୟନିକ ସାରର ବ୍ୟାପକ ବ୍ୟବହାର କରାଯିବାର ଆବଶ୍ୟକତା ରହିଛି । ଦେଶରେ ୟୁରିଆ ଯୋଗାଣର ଅତ୍ୟଧିକ ଅଭାବ ଏବଂ ଏହାର ଆମଦାନି ଉପରେ ନିର୍ଭରତା ହ୍ରାସ କରିବା ପାଇଁ ଭାରତ ସରକାର ଉପଯୁକ୍ତ କୋଇଲା ଗ୍ୟାସିଫିକେସନ୍ ଟେକ୍ନୋଲୋଜିର ଉପଯୋଗ କରି ଦେଶରେ ଗଚ୍ଛିତ ପୁଳ ପରିମାଣର କୋଇଲାର ସୁବିନିଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି ।

## ପ୍ରକଳ୍ପ ବିବରଣୀ:

ଏହି ପ୍ରକଳ୍ପରେ କୋଇଲାକୁ କଞ୍ଚାମାଲ୍ ଭାବେ ବ୍ୟବହାର କରି ୧.୨୮ ଏମ୍ଏମ୍‌ଟିପିଏ 'ନିମ' ଆସ୍ତରଣଯୁକ୍ତ ପୁରୁଣା ୟୁରିଆ ଉତ୍ପାଦନ କରାଯିବ । କୋଇଲା ଗ୍ୟାସୀକରଣ ପଦ୍ଧତି ଆଧାରରେ ଦୈନିକ ୨୨୦୦ ଟନ୍ ଆମୋନିଆ ଏବଂ ୩୮୫୦ ଟନ୍ ୟୁରିଆ ସହିତ ଅନ୍ୟାନ୍ୟ ସୁବିଧା ଯୁକ୍ତ ଆମୋନିଆ ୟୁରିଆ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ । ପ୍ରକଳ୍ପଟିରେ ଇକ୍ୱିଟି ଅଂଶୀଦାରମାନଙ୍କର ନିବେଶ ଏବଂ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକଠାରୁ ଅଣାଯିବାକୁ ଥିବା ଅର୍ଥ ବିନିଯୋଗ କରାଯିବ । ଯାହାର ଅନୁପାତ ହେବ ୭୦:୩୦ । ଏହି ପ୍ରସ୍ତାବିତ ପ୍ରକଳ୍ପର ଖର୍ଚ୍ଚ ଅଟକଳ ପ୍ରାୟ ୧୦ ହଜାର ୫୦୦ କୋଟି ଟଙ୍କା ରଖାଯାଇଛି ।

## ଓଡ଼ିଶାବାସୀଙ୍କୁ ସାମାଜିକ-ଆର୍ଥିକ ଲାଭ

ଏହି ପ୍ରକଳ୍ପଟି ଓଡ଼ିଶାର ଲୋକମାନଙ୍କର ଜୀବନ ଧାରଣର ମାନ ତଥା ସାମାଜିକ-ଆର୍ଥିକ ସ୍ଥିତି ପାଇଁ ବାସ୍ତବିକ ଲାଭଦାୟୀ ସାବ୍ୟସ୍ତ ହେବ । ଏହି ପ୍ରକଳ୍ପ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତିଗତ ଅନେକ ସୁଯୋଗ ସୃଷ୍ଟି କରି ଦେଶର ପୂର୍ବାଞ୍ଚଳର ଦ୍ରୁତ ବିକାଶ ଏବଂ ସଶକ୍ତ ଆର୍ଥିକ ଅଭିବୃଦ୍ଧି ଘଟାଇବା ଆଶା କରାଯାଉଛି ।

## ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ

| | |
|---|---|
| ଚାରିବର୍ଷର ନିର୍ମାଣ ଅବଧି ସମୟରେ | ୧୦,୦୦୦ ସର୍ବାଧିକ |
| ପ୍ରତ୍ୟକ୍ଷ ଭାବେ କାରଖାନାରେ | ୫୫୦ |
| ପରୋକ୍ଷ ଭାବେ କାରଖାନାରେ | ୨୫୦୦ |
| କୋଇଲା ଖଣିରେ ପ୍ରତ୍ୟକ୍ଷ ଭାବେ | ୬୦ |
| କୋଇଲା ଖଣିରେ ପରୋକ୍ଷ ଭାବେ | ୪୦୦ |
| ପରିବେଷ୍ଟିତ ଅଞ୍ଚଳରେ ବିଭିନ୍ନ ପ୍ରକାର କର୍ମରେ | ୧୦୦୦ |

- ୟୁରିଆ ଉପଲବ୍ଧତା ବୃଦ୍ଧି ହେବା ଦ୍ୱାରା ସ୍ଥାନୀୟ କୃଷକମାନଙ୍କର ଶସ୍ୟ ଉତ୍ପାଦନରେ ଅଭିବୃଦ୍ଧି ଘଟିବ
- କୋଇଲା ଗ୍ୟାସୀଫିକେସନ୍ ସମୟରେ ସହ-ଉତ୍ପାଦ ଭାବେ ସଲ୍‌ଫର ଏବଂ ସ୍ଲାଗ୍ ବିଭିନ୍ନ ଶିଳ୍ପାନୁଷ୍ଠାନ ଏବଂ ନିର୍ମାଣ ସଂସ୍ଥାଗୁଡ଼ିକରେ ବ୍ୟବହୃତ ହୋଇ ପାରିବ । ଏହା ଫଳରେ ହେବାକୁ ଥିବା ଶିଳ୍ପ କ୍ଷେତ୍ରରେ ବିକାଶ ଯୋଗୁଁ ସ୍ଥାନୀୟ ଲୋକଙ୍କର ନିଯୁକ୍ତି ଓ କର୍ମଯୋଗାଣର ଅଭିବୃଦ୍ଧି ଘଟିବ
- ଆଖପାଖର ସାମାଜିକ ପ୍ରକଳ୍ପ ଗୁଡ଼ିକରେ ପୁଞ୍ଜି ନିବେଶ ଯୋଗୁଁ ଏହା ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ମଧ୍ୟ ଲାଭଦାୟକ ହୋଇ ପାରିବ

ଏହି ପ୍ରକଳ୍ପ ସ୍ଥାନୀୟ ମାନବ ସମ୍ବଳର ବିକାଶ ଘଟାଇବା ସହ ସେମାନଙ୍କ ପାଇଁ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ । ଏହା ଛଡ଼ା କର୍ମସଂସ୍ଥାନ ପାଇଁ ବାହାରକୁ ଚାଲିଯାଉଥିବା ଶ୍ରମିକମାନଙ୍କର ସଂଖ୍ୟା ମଧ୍ୟ ପ୍ରଚୁର ହ୍ରାସ ଘଟିବ । ଏ ସବୁକୁ ବାଦ୍ ଦେଲେ ସ୍ୱଦେଶୀ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଉନ୍ନତି ହେବ ଓ ଜମିର ମୂଲ୍ୟ, ଘରଭଡ଼ା ତଥା ମଜୁରୀ ଇତ୍ୟାଦିରେ ବେଶ ବୃଦ୍ଧି ଘଟିବ ।



## ପର୍ଯ୍ୟାବରଣ ଉପଯୋଗୀ ପଦକ୍ଷେପ

ତାଳଚେରଠାରେ ଗ୍ରହଣ କରାଯାଉଥିବା କୋଇଲା ବାଷ୍ପୀକରଣ ପଦ୍ଧତି ଏକ ସ୍ୱଚ୍ଛ ପ୍ରଯୁକ୍ତି ଜ୍ଞାନ କୌଶଳଉପରେ ଆଧାରିତ । ଯେଉଁଥିରେ କୋଇଲା ଦହନ ସମୟରେ ନିର୍ଗତ ହେଉଥିବା $CO_2$, $SO_x$, $NO_x$ ଏବଂ ଅନ୍ୟାନ୍ୟ ମୁକ୍ତ କଣିକାର ପରିମାଣ ଯଥେଷ୍ଟ କମ୍ ଅଥବା ଏକାବେଳେକେ ନଗଣ୍ୟ ।

କ. କୋଇଲାରୁ ନିର୍ଗତ ହେଉଥିବା କାର୍ବନ ଡାଇଅକ୍ସାଇଡ୍ ($CO_2$) ବା ଅଙ୍ଗାରକାମ୍ଳ ବାଷ୍ପକୁ ସାଧାରଣତଃ ଗ୍ରୀନ୍‌ହାଉସ୍ ଗ୍ୟାସ୍ ଭାବରେ ସମସ୍ତେ ଜାଣନ୍ତି । ତେବେ ଏହି ବାଷ୍ପକୁ ଏକ ଆବଦ୍ଧ ଲୁପ୍ ପ୍ରଣାଳୀ ମାଧ୍ୟମରେ ସଂଗ୍ରହ କରି ପୁନଃଚକ୍ରଣ (Recycling) ସାହାଯ୍ୟରେ ୟୁରିଆ ଉତ୍ପାଦନରେ ବ୍ୟବହାର କରାଯିବ ।

ଖ. କୋଇଲାରେ ଥିବା ଶତକଡ଼ା ୦.୮ ଭାଗର ଗନ୍ଧକ (ସଲଫର୍) ଓ ପେଟ୍ କୋକ୍‌ରେ ଥିବା ଶତକଡ଼ା ୮-୦ ଭାଗ ପର୍ଯ୍ୟନ୍ତ ଗନ୍ଧକକୁ ପୂର୍ଣ୍ଣମାତ୍ରାରେ ପୃଥକ କରିଦିଆଯିବ, ଯେହେତୁ ଏହା ଏକ ବିକ୍ରୟ ଯୋଗ୍ୟ ସହ-ଉତ୍ପାଦ ।

ଗ. ବାଷ୍ପୀକରଣ ସମୟରେ କୋଇଲାରେ ଥିବା ପାରଦ, ଆରସେନିକ୍ ଓ ଅନ୍ୟାନ୍ୟ କଣିକାଯୁକ୍ତ ପଦାର୍ଥ ପରି କେତେକ ଅଜୈବ ଅଦରକାରୀ ଉପାଦାନରୁ ହିଁ ପାଉଁଶ ସୃଷ୍ଟି ହୋଇଥାଏ, ଯାହାର ଏକ ବୃହତ୍ ଭାଗ ସ୍ୱଚ୍ଛ ସ୍ଲାଗ୍ (ଧାତୁମଳ)ରେ ରୂପାନ୍ତରିତ ହୋଇଯାଏ ଯାହାକି ନିଷ୍କ୍ରିୟ ଓ କ୍ଷତିବିହୀନ । ଏହାର ସମୁଦାୟ ପରିମାଣର ଅର୍ଦ୍ଧେକ ମାତ୍ର ଉଡ଼ନ୍ତା ପାଉଁଶ ଅଥବା Fly Ashରେ ପରିଣତ ହୁଏ । ଏହି Fly Ash ଏକ ବିକ୍ରିଯୋଗ୍ୟ ସାମଗ୍ରୀ ଯାହାର ବହୁଳ ବ୍ୟବହାର ରାସ୍ତା ନିର୍ମାଣ, ସିମେଣ୍ଟ କାରଖାନା ଓ ଧାତୁ ଉପରିଭାଗର ମସୃଣ ନିମନ୍ତେ ବାଲୁକା ବିସ୍ଫୋରଣ (sandblasting) କ୍ଷେତ୍ରରେ ହୋଇଥାଏ ।

ଘ. ଇଂରାଜୀରେ ଉଲ୍ଲିଖିତ $NO_x$ କହିଲେ ତାହା ନାଇଟ୍ରିକ୍ ଅକ୍ସାଇଡ୍ ଓ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍‌କୁ ବୁଝାଏ । ଶୁଷ୍କ ଓଜନ ପଦ୍ଧତି (Dry Weight) ଅନୁଯାୟୀ ଦେଖିଲେ ସାଧାରଣତଃ କୋଇଲାରେ ଥିବା ନାଇଟ୍ରୋଜେନ୍ (ଯବକ୍ଷାରଜାନ)ର ପରିମାଣ ଶତକଡ଼ା ୦.୫ ରୁ ୩.୦ ଭାଗ ପର୍ଯ୍ୟନ୍ତ ରହିଥାଏ । ଯାହାକି ବାଷ୍ପୀକରଣ (Gasification) ସମୟରେ କ୍ଷତିବିହୀନ ନାଇଟ୍ରୋଜେନ୍‌ରେ ପରିଣତ ହୋଇଯାଇଥାଏ ।

ଙ. କୋଇଲା ଖଣିଠାରୁ ସାର କାରଖାନାର ଦୂରତା ଆପାତତଃ ୧୦ କିଲୋମିଟର । ଯେହେତୁ କୋଇଲା ପରିବହନ ପ୍ରକ୍ରିୟାଟି ସମ୍ପୂର୍ଣ୍ଣ ଆବଦ୍ଧ ଥିବା କନ୍‌ଭେୟର ବେଲ୍ଟ ଯୋଗେ କରାଯିବ, ତେଣୁ ପ୍ରଦୂଷଣ କରୁଥିବା ଗୁଣ୍ଡ କୋଇଲା ଓ ଅନ୍ୟାନ୍ୟ ଧୂଳି କଣିକା ଗୁଡ଼ିକର ପରିବେଶ ଉପରେ ପ୍ରଭାବ ଅତ୍ୟନ୍ତ ନଗଣ୍ୟ ।

## କୋଇଲା ଉତ୍ସ

ଏହି ସାର କାରଖାନା ପାଇଁ କଞ୍ଚାମାଲ କୋଇଲା ଯୋଗାଣ ସ୍ଥାନୀୟ ତାଳଚେର ସ୍ଥିତ "ଉତ୍ତର ପାଖ ଅରଖପାଳ" ଖଣିରୁ କରାଯିବାକୁ ସ୍ଥିର ହୋଇଛି । ଏହି ଖଣି ଅଞ୍ଚଳ ଏବେ ଆଂଶିକ ଭାବରେ କାର୍ଯ୍ୟକ୍ଷମ ପଥେ ଅଗ୍ରସର । ତେଣୁ ଏଠିକାର କୋଇଲା ପରିମାଣ ଏବେ ଏକ ଆନୁମାନିକ ସ୍ତରରେ ରହିଛି । ଯାହାର ପରିମାଣ ପ୍ରାୟ ୯୨୦ ମିଲିୟନ୍ ମେଟ୍ରିକ୍‌ଟନ୍ ଓ ଏହାର ଇଲାକା ୧୧.୬୨ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ । ଏହି କୋଇଲା ନନ୍ କୋକିଂ ଶ୍ରେଣୀର ଓ ଏହାର ମାନ ଅଥବା ଗ୍ରେଡ୍ ମଧ୍ୟ ଭିନ୍ନ ଭିନ୍ନ ପର୍ଯ୍ୟାୟର । ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନ୍‌ଷ୍ଟିଚ୍ୟୁଟ (ସିଏମପିଡିଆଇ) ସହଯୋଗରେ ସଂଗ୍ରହଯୋଗ୍ୟ ଭଣ୍ଡାରର ଅନୁସନ୍ଧାନ କରିବା ପାଇଁ କୋଇଲା ବ୍ଲକ୍‌ର ସବିଶେଷ ଅନୁଅନୁଧ୍ୟାନ କରାଯାଉଛି । ଛଅ ବର୍ଷ ମଧ୍ୟରେ କୋଲ୍ ବ୍ଲକ୍‌ରୁ ଉତ୍ପାଦନ ଆରମ୍ଭ କରାଯିବାକୁ ଆଶା କରାଯାଉଛି । ତେବେ କୋଇଲା ବ୍ଲକରୁ ଉତ୍ପାଦନ ଆରମ୍ଭ ହେବା ପର୍ଯ୍ୟନ୍ତ ତାଳଚେର ସ୍ଥିତ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ (ଏମ.ସି.ଏଲ୍)ର ଭୁବନେଶ୍ୱରୀ କୋଇଲା ଖଣିରୁ ୪ ବର୍ଷ ପାଇଁ କଞ୍ଚାମାଲ ଆଣିବାକୁ ବୁଝାମଣା କରାଯାଇଛି ।





